# NATIONAL NEWS BULLETIN (ODIA)

## 7 August - 2026

## Mid Bulletin : 1.50 p.m.

------------------------------------------------------------

# ମୁଖ୍ୟ ସମ୍ବାଦ

- ହସ୍ତତନ୍ତ ଜୀବିକାର ମାଧ୍ୟମ ହେବା ସହ ସାମଗ୍ରିକ ବିକାଶର ଏକ ଶକ୍ତିଶାଳୀ ଉପକରଣ-କହିଲେ ରାଷ୍ଟ୍ରପତି ।

- ଜାତୀୟ ହସ୍ତତନ୍ତ ଦିବସ ଅବସରରେ ୨୨ଜଣଙ୍କୁ କଲେ ପୁରସ୍କୃତ

- ସଂସଦର ଅନୁମୋଦନ ଲାଭ କଲା କ୍ଷୁଦ୍ର, ଅଣୁ ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍ ୨୦୨୬ ।

- ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଆଜି ପାଇଁ ମୁଲତବୀ ।

- ବ୍ରିକ୍ସ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ଥିର, ନବସୃଜନାତ୍ମକ ଏବଂ ନିରନ୍ତର ବିକାଶ ଭିତ୍ତିକ ଶିକ୍ଷାବ୍ୟବସ୍ଥା ଗଠନ ପାଇଁ ଆହ୍ୱାନ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗର ଅନୁମାନ ।

# ହ୍ୟାଣ୍ଡଲୁମ୍ ଡେ

ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରା ଓ ବୁଣାକାରଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ 'ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ' ପାଳନ ଅବସରରେ ଯୋଗଦେଇ କହିଛନ୍ତି, ହସ୍ତତନ୍ତ କେବଳ ଲୋକଙ୍କ ଜୀବିକାର ମାଧ୍ୟମ ନୁହେଁ; ବରଂ ସାମଗ୍ରିକ ବିକାଶର ଏକ ଶକ୍ତିଶାଳୀ ଉପକରଣ। ଭାରତର ସଂସ୍କୃତି ଏବଂ ସଭ୍ୟତାର ଯାତ୍ରାରେ ହସ୍ତତନ୍ତ ଏକ ପ୍ରମୁଖ ଅଂଶ ହୋଇଆସିଛି। ହସ୍ତତନ୍ତ ମାଧ୍ୟମରେ ଦେଶର ସମୃଦ୍ଧ ଐତିହ୍ୟକୁ ପ୍ରୋତ୍ସାହନ ଦେବା ସହ ନିଯୁକ୍ତି, ମହିଳା ସଶକ୍ତୀକରଣ, କଳା-ସଂସ୍କୃତି ଏବଂ ପ୍ରକୃତି ପ୍ରତି ପ୍ରେମର ପ୍ରଚାର ପ୍ରସାର ହୋଇପାରିଛି।  ରାଷ୍ଟ୍ରପତି କହିଛନ୍ତି, ହସ୍ତତନ୍ତ ଶିଳ୍ପ ଆମଣେଇବା ଦ୍ୱାରା ଦେଶରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ରୋଜଗାରକ୍ଷମ ହୋଇପାରିଛନ୍ତି। ସେଥିମଧ୍ୟରୁ କେବଳ ୨୫ ଲକ୍ଷ ହେଉଛନ୍ତି ମହିଳା। ଭାରତର ସ୍ୱାଧୀନତା ସଂଗ୍ରାମରେ ତଥା ଆତ୍ମନିର୍ଭରଶୀଳ ଭାରତ ଗଠନରେ ମଧ୍ୟ ହସ୍ତତନ୍ତର ପ୍ରମୁଖ ଭୂମିକା ରହିଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି।

- V/O - (Rastrapati)

ରାଷ୍ଟ୍ରପତି ଆଜି ୨୦୨୫ ବର୍ଷ ପାଇଁ ୩ ଜଣଙ୍କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ୧୯ ଜଣଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମ୍ମାନ ବୁଣାକାରମାନଙ୍କୁ ତାଙ୍କ ନବସୃଜନ ଏବଂ ହସ୍ତତନ୍ତ

ପରମ୍ପରାର ସମୃଦ୍ଧି କ୍ଷେତ୍ରରେ ଅବଦାନକୁ ସ୍ୱିକୃତି ଦେବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଏହି ଅବସରରେ ୪ଟି ଡାକ ଟିକଟର ମଧ୍ୟ ଉନ୍ମୋଚନ କରିଛନ୍ତି।

ଜାତୀୟ ହସ୍ତତନ୍ତ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ନାଗରିକଙ୍କୁ ଉତ୍ସାହର ସହିତ ଏହି ଦିବସ ପାଳନ ଲାଗି ଆହ୍ୱାନ ଦେଇଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ୧୯୦୫ ମସିହା ଆଜିର ଦିନରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସ୍ୱଦେଶୀ ଆନ୍ଦୋଳନର ଶୁଭାରମ୍ଭ ହୋଇଥିଲା । ସମାଜର ପ୍ରତ୍ୟେକ ବର୍ଗର ଲୋକ ମିଳିତ ଭାବରେ ବ୍ରିଟିଶ ଶାସନ ବିପକ୍ଷରେ ଲଢେଇ ଲଢ଼ିଥିଲେ। ଏହି ଅବସରରେ ଦେଶର ହସ୍ତତନ୍ତ କାରିଗର ଏବଂ ସେମାନଙ୍କ ପରିବାରକୁ ସହାୟତା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ହସ୍ତତନ୍ତ ସାମଗ୍ରୀର ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି ।

**V/O**

ଓଡ଼ିଶାର ୨ ଜଣ ବୁଣାକାର ଆଜି ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ଗ୍ରହଣ କରିଛନ୍ତି। ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଲାଗି ବରଗଡ଼ ଜିଲ୍ଲା ଅତାବିରା ଅନ୍ତର୍ଗତ ଝିଲିମିଣ୍ଡା ଗ୍ରାମର ରାମ ମେହେର ଏବଂ ଜଗତ୍‌ସିଂହପୁର ଜିଲ୍ଲା ସିଙ୍ଗିପୁର ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଛନ୍ତି।

# ଏମ୍‌ଏସ୍‌ଏମ୍‌ଇ

ସଂସଦରେ କ୍ଷୁଦ୍ର, ଅଣୁ ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍ ୨୦୨୬ ପାରିତ ହୋଇଛି । ଗତ ସୋମବାର ଦିନ ରାଜ୍ୟସଭାରେ ଏହା

ପାରିତ ହୋଇଥିଲା । ମଧ୍ୟାହ୍ନ ପରେ ଲୋକସଭା ପୁଣି ଆରମ୍ଭ ହେବା କ୍ଷଣି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନରାମ ମାଝୀ ଏହି ବିଲ୍‌ଟିକୁ ଆଗତ କରିଥିଲେ । ଏହି ବିଲ୍‌ର ଲକ୍ଷ୍ୟ ରହିଛି ବିଭିନ୍ନ ବିବାଦର ସମାଧାନ କରିବା ସହ ଦେୟଗୁଡ଼ିକ ଶୀଘ୍ର ପ୍ରଦାନ କରିବା ପାଇଁ ବିଲ୍‌ରେ ବ୍ୟବସ୍ଥା ରହିଛି ।

## ଏଲ୍‌ଏସ୍‌-ଆଡଜର୍ଣ୍ଣଡ

ନିଟ୍ ପ୍ରସଙ୍ଗରେ ପ୍ରତିବାଦକାରୀ ଛାତ୍ରମାନଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ବାଚସ୍ପତି ଆଜି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ଦିନ ୧୧ଟା ବେଳେ ଲୋକସଭାର କାର୍ଯ୍ୟଦିବସ ଆରମ୍ଭ ହେବା କ୍ଷଣି ବାଚସ୍ପତି ଓମ୍ ବିର୍ଲା ଭାରତଛାଡ ଆନ୍ଦୋଳନରେ ଭାଗ ନେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ କହିଥିଲେ ଆସନ୍ତା ଅଗଷ୍ଟ ୯ ତାରିଖ ଦିନ ଭାରତଛାଡ ଆନ୍ଦୋଳନର ୮୪ତମ ବାର୍ଷିକୀ ପାଳନ କରାଯିବ । ମହାତ୍ମାଗାନ୍ଧୀଙ୍କ ଐତିହାସିକ ଡାକରା ‘କର ବା ମର’କୁ ସ୍ମରଣ କରି ଶ୍ରୀ ବିର୍ଲା କହିଥିଲେ ଜାତୀୟ ଏକତା, ସାହସ, ସତ୍ୟ ଏବଂ ଅହିଂସାର ପ୍ରତୀକ ଭାବେ ଭାରତଛାଡ ଆନ୍ଦୋଳନ ଡାକରା ଦିଆଯାଇଥିଲା । ସେ କହିଥିଲେ ଦେଶର ଗଣତନ୍ତ୍ର, ସ୍ୱାଧୀନତା, ଜାତୀୟ ଏକତା ଏବଂ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନର ଡାକରା ଦିଆଯାଇଥିଲା । ଏହି ଜନ ଆନ୍ଦୋଳନରେ

ଭାରତର ସ୍ୱାଧୀନତା ଲାଭ କରିବାର ବାଟ ଫିଟିବା ସହ ଦେଶବାସୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା ବୋଲି ବାଚସ୍ପତି କହିଥିଲେ ।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ ତଥା ସହିଦମାନଙ୍କ ବଳିଦାନ ପାଇଁ ଦେଶ ସ୍ୱାଧୀନ ହୋଇପାରିଥିଲା ବୋଲି ଗୃହରେ ସାଂସଦମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ତଥା ସହିଦମାନଙ୍କ ଉଦ୍ଦେଶ୍ୟରେ ଗୃହରେ ନୀରବ ପ୍ରାର୍ଥନା କରାଯାଇଥିଲା ।

ପରେ ଶ୍ରୀ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହୁଁଥିବାବେଳେ ବିରୋଧୀ ଦଳର ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ବିରୋଧୀଦଳ’ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୃହରେ ବିବୃତ୍ତି ରଖନ୍ତୁ ବୋଲି ଦାବି କରିଥିଲେ । ତେବେ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଶ୍ରୀ ବିର୍ଲା କହିଥିଲେ ସଂସଦ ହେଉଛି ଆଲୋଚନାର ଏକ ଅନୁଷ୍ଠାନ, ଯେଉଁଥିରେ ବିଭିନ୍ନ ପ୍ରଶ୍ନୋତ୍ତର ଆଲୋଚନା କରାଯାଇ ମତ ବିନିମୟ ହୋଇଥାଏ, ତେବେ ବିରୋଧୀଙ୍କର ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ଚଳାଇବା ସମ୍ଭବ ହେଉନାହିଁ ।

**V/O (Om Birla)**

**ଆର୍‌ଏସ୍‌-ଆଡଜର୍ଣ୍ଣଡ**

ଅନୁରୂପ ଭାବେ ନିଟ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ମଧ୍ୟ ଆଜିପାଇଁ ମୁଲତବୀ ହୋଇଛି । ମଧ୍ୟାହ୍ନ ୧୨ଟା ପରେ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଗୃହ ପରିଚାଳନା କରିବା ଆରମ୍ଭ କରିବା ପରେ ପ୍ରଶ୍ନକାଳ କାର୍ଯ୍ୟ ଆରମ୍ଭ କରିଥିଲେ । ହଟ୍ଟଗୋଳ ମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ରେଳ ପରିଚାଳନାରେ କବଚ ଓ ସିଗ୍ନାଲିଂ ପ୍ରକ୍ରିୟା କାର୍ଯ୍ୟ ଜାରି ରହିଛି ବୋଲି ମନ୍ତ୍ରୀ କହିଥିଲେ । ତେବେ ସମ୍ପୂର୍ଣ୍ଣ ଭାବେ ସେ ତାଙ୍କର ଉତ୍ତର ହଟ୍ଟଗୋଳ ମଧ୍ୟରେ ରଖିପାରିନଥିଲେ । ଗୃହରେ ପ୍ରବଳ ହଟ୍ଟଗୋଳ ଜାରି ରହିବାରୁ ଅଧ୍ୟକ୍ଷ ଶ୍ରୀ ରାଧାକୃଷ୍ଣନ ଗୃହକୁ ଆସନ୍ତା ସୋମବାର ଦିନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ବ୍ରିକ୍ସ

ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ସ୍ଥିର, ନବସୃଜନାତ୍ମକ ଏବଂ ନିରନ୍ତର ବିକାଶ ଭିତ୍ତିକ ଶିକ୍ଷାବ୍ୟବସ୍ଥା ଗଠନ ପାଇଁ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କର ତ୍ରୟୋଦଶ ବୈଠକରେ ଶ୍ରୀ ଯୋଶୀ କହିଛନ୍ତି, ମହାମାରୀ, ଆର୍ଥିକ ଅନିଶ୍ଚିତତା,

ଜଳବାୟୁ ଓ ଦ୍ରୁତ ବୈଷୟିକ ପରିବର୍ତ୍ତନ ଭଳି ଆହ୍ୱାନର ମୁକାବିଲା କରିବାକୁ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସକ୍ଷମ କରିବା ଆବଶ୍ୟକ।

ସହଯୋଗ ଓ ସ୍ଥାୟୀ ବିକାଶ ପାଇଁ ସ୍ଥିରତା ଓ ନବସୃଜନ ପ୍ରସଙ୍ଗରେ ଆଲୋଚନା କରି ମନ୍ତ୍ରୀ କହିଛନ୍ତି, ବ୍ରିକ୍ସ ଦେଶଗୁଡ଼ିକ ପରସ୍ପର ଅନୁଭୂତି, ଜ୍ଞାନ, ସଫଳ ଅଭିଜ୍ଞତାର ଆଦାନପ୍ରଦାନ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ନୂତନ ଦିଗନ୍ତ ମିଳିପାରିବ। ଭାରତ ବ୍ରିକ୍ସ ଅଧ୍ୟକ୍ଷତା ସମୟରେ ଲୋକଙ୍କ ବିକାଶକୁ ପ୍ରାଧାନ୍ୟ ଦେଉଛି ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍‌ଭାବନ, ଯୋଗ୍ୟତା ଓ ଶିକ୍ଷାଗତ ନେତୃତ୍ୱର ଆପୋଷ ମାନ୍ୟତା ସମେତ ପ୍ରମୁଖ ପ୍ରାଥମିକତା ଉପରେ ବିଚାର ବିମର୍ଶ ହେଉଛି।

ବୈଠକରେ ୧୧ଟି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ୮ ଜଣ ଶିକ୍ଷାମନ୍ତ୍ରୀ ଓ ୪୦ ଜଣ ବରିଷ୍ଠ ପଦାଧିକାରୀଙ୍କ ସମେତ ୨ ଶହରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି ।

# ପିଏମ୍ ମିଟ୍ ଏମ୍‌ପି ରିଆକ୍ସନ

ଏନ୍‌ଡିଏରେ ନୂତନ ଭାବେ ଯୋଗ ଦେଇଥିବା ବିଭିନ୍ନ ସାଂସଦମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ତାଙ୍କ ବାସଭବନରେ ସାକ୍ଷାତ୍ କରିଛନ୍ତି। ଏନ୍‌ସିପିଆଇ ଏବଂ ଶିବସେନାର ଏହି ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ସଂସଦ ପରିସରରେ ଗଣମାଧ୍ୟମ ସହ

କଥାବାର୍ତ୍ତା କରିଛନ୍ତି । ଶିବସେନା ସାଂସଦ ଜ୍ୟୋତିସାବିତ୍ରୀ ନାଗନାଥ ୱାଗମାରେ କହିଛନ୍ତି ସଂସଦରେ ବାରମ୍ବାର ଘଟୁଥିବା ହଟ୍ଟଗୋଳକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି । ସେ କହିଛନ୍ତି ନିରନ୍ତର ହଟ୍ଟଗୋଳ ଯୋଗୁଁ ନୂତନ ଭାବେ ନିର୍ବାଚିତ ତଥା ପ୍ରତିଭାବାନ ସାଂସଦମାନେ ସେମାନଙ୍କ ମତ ଗୃହରେ ପ୍ରକାଶ କରିବା ପାଇଁ ସୁଯୋଗ ପାଉନାହାନ୍ତି । ଏନ୍‌ସିପିଆଇ ସାଂସଦ ଶତାବ୍ଦୀ ରୟ କହିଛନ୍ତି ଏନ୍‌ଡିଏ ସହ ଜଡିତ ସମସ୍ତ ସାଂସଦଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି । ସେ କହିଛନ୍ତି ରାଷ୍ଟ୍ର ନିର୍ମାଣରେ ସାଂସଦମାନେ କିପରି ନିଜର ଅବଦାନ ରଖିପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ ।

## ଆଇଏମ୍‌ଡି ୱେଦର

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଓଡ଼ିଶା ସମେତ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, ପୂର୍ବ ମଧ୍ୟପ୍ରଦେଶ, ପୂର୍ବ ରାଜସ୍ଥାନ, କେରଳମ, ମାହେ ଏବଂ କର୍ଣ୍ଣାଟକର ଦକ୍ଷିଣାଞ୍ଚଳ ତଥା ଦେଶର ଉତ୍ତର ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ବୃଷ୍ଟିପାତ ଜାମ୍ମୁ ଓ କାଶ୍ମୀର, ଲଦାଖ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ଓ ଦିଲ୍ଲୀର ଆଖପାଖ ଅଞ୍ଚଳରେ ମଧ୍ୟ ଜାରି ରହିବାର ଅନୁମାନ କରାଯାଇଛି ।